## ଆସିକା ଅମରନାଥ କ୍ରିକେଟ କ୍ଲବ ବିଜୟୀ

ହିଞ୍ଜିଳିକାଟୁ, (ଡି.ଏନ୍.ଏ.): ହିଞ୍ଜିଳିକାଟୁ ପୌରାଞ୍ଚଳ ମିନି ଷ୍ଟାଡିୟମ୍ ପରିସରରେ ଆୟୋଜିତ ପ୍ରିୟଦର୍ଶୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୫ମ ଦିବସ ମ୍ୟାଚ ୟଙ୍ଗଷ୍ଟାର କ୍ରିକେଟ କ୍ଲବ, ଧରାକୋଟ ଓ ଅମରନାଥ କ୍ରିକେଟ କ୍ଲବ, ଆସିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଧରାକୋଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ଆସିକା ୧୫.୫ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଆସିକାର ବାବୁନା ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ହିଞ୍ଜିଳିକାଟୁ ବିକାଶ ମଞ୍ଚ ସଭାପତି ପ୍ରମୋଦ କୁମାର ପଣ୍ଡା ପୁରସ୍କାର ବିତରଣ କରିଥିଲେ।

## ସଂକ୍ଷେପରେ

### ୮ କଂଗ୍ରେସ କର୍ମୀ ଅଟକ

ଛତ୍ରପୁର,୧୯।୩(ଡି.ଏନ୍.ଏ.): କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଂଗ୍ରେସ କର୍ମୀଙ୍କ କଳାପତାକା ଦେଖାଇବା କାର୍ଯ୍ୟକୁ ଛତ୍ରପୁର ଥାନା ପୋଲିସ ଭଣ୍ଡୁର କରିଛି। କେନ୍ଦ୍ରମନ୍ତ୍ରୀ ଆସିବା ପୂର୍ବରୁ ତାମ୍ପରା ସମ୍ମୁଖ ଏକ ଢାବା ନିକଟରେ ଛକି ରହିଥିବା କଂଗ୍ରେସ କର୍ମୀମାନଙ୍କୁ ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଓ ତାଙ୍କ ଟିମ୍ କାବୁ କରି ଅଟକ ରଖିଥିଲେ।

### ୧୨୫ ବରିଷ୍ଠ ନାଗରିକ ନେଲେ ଟିକା

ଖଜୁରିପଡ଼ା/ବଲସକୁମ୍ପା, ୧୯।୩ (ଡି.ଏନ.ଏ.): ଖଜୁରିପଡ଼ା ବ୍ଲକ ବାରିକୁମ୍ପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୁକ୍ରବାର ବରିଷ୍ଠ ନାଗରିକମାନଙ୍କୁ କରୋନା ଟିକାର ପ୍ରଥମ ଡୋଜ ଟିକା ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା.ପଞ୍ଚଶିଳା ଦାସଙ୍କ ନେତୃତ୍ୱରେ ୧୨୫ ବରିଷ୍ଠ ନାଗରିକଙ୍କୁ ଟିକା ଦିଆଯାଇଛି। କୋଭିଡ୍ ଏଏନ୍ଏମ ରାଜଲକ୍ଷ୍ମୀ ସାହୁ କରୋନା ଟିକା ଦେଉଥିବା ବେଳେ ଫାର୍ମାସିଷ୍ଟ ବିଭୂତି ଭୂଷଣ ସାହୁ, ଡାଟା ଅପରେଟର ବିରୂପାକ୍ଷ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ଜିଏମଙ୍କ ରମ୍ଭା ରେଲୱେ ଷ୍ଟେଶନ ପରିଦର୍ଶନ

ରମ୍ଭା,୧୯।୩: ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ବିଦ୍ୟାଭୂଷଣ ଶୁକ୍ରବାର କାର୍ଯ୍ୟସୂଚୀ ପ୍ରକାରେ ରମ୍ଭା ରେଲୱେ ଷ୍ଟେଶନ ପରିଦର୍ଶନରେ ଆସିଥିଲେ। ସେ ବିଭିନ୍ନ ବିଭାଗ ଯଥା ପାୱାର ହାଉସ ଓ ଉତ୍ତର କ୍ୟାବିନ ବୁଲି ଦେଖିବା ସହ କାର୍ଯ୍ୟରତ କର୍ମଚାରୀଙ୍କ ସହ କଥା ହୋଇଥିଲେ। ଜିଏମଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀ ଓ ରମ୍ଭା ପିଡବ୍ଲୁଆଇ ଧର୍ମେନ୍ଦ୍ର କୁମାର ଆସିଥିଲେ।

### ମଦ ଜବତ : ୪ ଗିରଫ

ଆସିକା,୧୯।୩(ଡି.ଏନ.ଏ.): ଆସିକା ସହର ଉପକଣ୍ଠ କାଳଷଣ୍ଡପୁରସ୍ଥିତ ଏରଗୋଲା ବସ୍ତି ଉପରେ ଶୁକ୍ରବାର ସକାଳେ ପୋଲିସ ଚଢ଼ାଉ କରି ୧୮୦ ଲିଟର ରନ୍ଧାମଦ ଜବତ କରିଛି। ଏଥିସହ ୧ ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏମ. ସଙ୍ଗୀତା, ଡି. ସନ୍ଧ୍ୟା, ଏମ. ରୀନା ଓ ଏମ. ପାର୍ବତୀ। ଏ ନେଇ ନଂ.୧୫୯, ୧୬୦, ୧୬୧ ଓ ୧୬୨/୨୧ରେ ପୃଥକ ୪ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ଚୈତ୍ର ମଙ୍ଗଳବାର ଯାତ୍ରା ପ୍ରସ୍ତୁତି ବୈଠକ

ପୁରୁଷୋତ୍ତମପୁର, ୧୯।୩ (ଡି.ଏନ.ଏ.): ମା' ତାରା ତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆସନ୍ତା ୩୦ରୁ ଏପ୍ରିଲ ୬, ୧୩, ୨୦ ଓ ୨୭ ତାରିଖ ପର୍ଯ୍ୟନ୍ତ ପାଞ୍ଚ ପାଳିରେ ହେବ। ଏ ନେଇ ଶୁକ୍ରବାର ତାରା ତାରିଣୀଙ୍କ ପୀଠରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାହାଡ଼ ଉପରେ ଶିଶୁଙ୍କ ମୁଣ୍ଡନକୁ ବାରଣ କରାଯାଇଥିବା ବେଳେ ପାହାଡ଼ ତଳେ ସିଂହଦ୍ୱାର ନିକଟରେ ଓ ମାତୃ ମଣ୍ଡପଠାରେ ମୁଣ୍ଡନ କାର୍ଯ୍ୟ କରାଯିବ। ଋଷିକୁଲ୍ୟା ନଦୀରେ ପାଣି ନ ଥିବା ହେତୁ ନଦୀରେ ପାଣି ଛଡାଯିବା, ସୁରକ୍ଷା ଦୃଷ୍ଟିରୁ ନଦୀର ଗଣ୍ଡ ଓ ନଦୀ ତୁଠରେ ଓଡ୍ରାଫ ଟିମ୍ ଓ ଦମକଳ ବାହିନୀଙ୍କୁ ମୁତୟନ କରିବା ଏବଂ ପାହାଡ଼ ଉପରେ ରନ୍ଧା ଖାଦ୍ୟ ଓ ଭୋଗ ଖାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପାହାଡ଼ ତଳୁ ଉପରକୁ ଭକ୍ତ ମାନେ ଯିବା ଲାଗି ୧୦ଟି ସ୍ୱତନ୍ତ୍ର ବସ୍ର ସୁବିଧା କରାଯିବା ସହ ଏହାର ମୂଲ୍ୟ ୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିରେ ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ଼ି, ତହସିଲଦାର ନୀତୀଶ କୁମାର ତ୍ରିପାଠୀ, ବିଡିଓ ବିଜୟ କୁମାର ବେହେରା, ଏନ୍ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଡେପୁଟି କଲେକ୍ଟର ଜନ୍ମେଜୟ ସାହୁଙ୍କ ସମେତ ସମସ୍ତ ସେବାୟତ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

### ଅମାନିଆ ଗଣିଲେ ଜରିମାନା

ଜି.ଉଦୟଗିରି,୧୯।୩ (ଡି.ଏନ.ଏ.): କରୋନା ଦ୍ୱିତୀୟ ଲହରୀକୁ ମୁକାବିଲା କରିବା ପାଇଁ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ତହସିଲଦାର ଅବିନାଶ କୁମାର ମାହାରଙ୍କ ତତ୍ତ୍ୱାବଧାନରେ ପୋଲିସ ବିଭାଗ ମିଳିତ ଟିମ ଶୁକ୍ରବାର ସହରର ଦୋକାନ ବଜାର, ସହିତ ଯାତ୍ରୀବାହୀ ବସରେ ମାସ୍କ ଯାଞ୍ଚ କରିଥିଲେ। ମାସ୍କ ପରିଧାନ କରି ନଥିବା ଲୋକଙ୍କଠାରୁ ୩୪୦୦ ଟଙ୍କାର ଜରିମାନା ଆଦାୟ ହୋଇଛି ବୋଲି ଥାନାଧିକାରୀ ନରେଶ କୁମାର ସାହୁ କହିଛନ୍ତି। ଆଗକୁ ଏହିଭଳି ମାସ୍କ ଧରପଗଡ ଜାରି ରହିବ ବୋଲି ସେ କହିଥିଲେ।

# ଗୋପାଳପୁର ପୋର୍ଟରେ ହେବ ଏଲଏନ୍‌ଜି ଟର୍ମିନାଲ

ଛତ୍ରପୁର,୧୯।୩(ଡି.ଏନ.ଏ)

ଗଞ୍ଜାମ ଜିଲାର ଆର୍ଥିକ ବିକାଶ ପାଇଁ ଭାରତ ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗ କେତେକ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଥିବା ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଛତ୍ରପୁରଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗୋପାଳପୁର ପୋର୍ଟରେ ଏଲଏନ୍‌ଜି ଟର୍ମିନାଲ ବସାଇବା ଯୋଜନା ଚାଲିଛି। ଗେଲ୍, ବିପିସିଏଲ୍ ଭଳି ଭଲ କମ୍ପାନୀ ସହ କଥାବାର୍ତ୍ତା କରି ଏହା ତ୍ୱରାନ୍ୱିତ କରାଯିବ। ପୂର୍ବରୁ ଧାମରାରେ ଏକ ଏଲଏନ୍‌ଜି ଟର୍ମିନାଲ ବସାଯାଇଛି। ଗୋପାଳପୁର ପୋର୍ଟ ଅଧିକାରୀଙ୍କ ସହ ଖୁବ୍‌କମ୍ ଦିନ ମଧ୍ୟରେ କମ୍ପାନୀ ସହ ଆଲୋଚନା କରାଇବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପାରାଦ୍ୱୀପ–ଧାମରା ଗ୍ୟାସ ପାଇପଲାଇନ୍ ଯାହାକି ଉତରପ୍ରଦେଶରୁ ଆସୁଛି, ଏହାକୁ ଓଡିଶାର ଉପକୂଳ ଅଞ୍ଚଳ ଦେଇ ଭାଇଜାଗ୍, କାକିନାଡା ଓ ତାମିଲନାଡୁ ପର୍ଯ୍ୟନ୍ତ ପାଇପ୍‌ଲାଇନ୍ ବସାଇବା ବ୍ୟବସ୍ଥା କରାଯାଉଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### ଟାଟା ଏସ୍‌ଇଜେଡ୍‌ରେ ୨୦୦ କୋଟିର ପ୍ରକଳ୍ପ

ଦକ୍ଷିଣ ଓଡିଶାରେ ୨୫ ବର୍ଷ ପର୍ଯ୍ୟନ୍ତ ପେଟ୍ରୋଲ ଓ ଡିଜେଲ ଆବଶ୍ୟକତା ପୂରଣ କରିବା ପାଇଁ ଗଞ୍ଜାମ ଜିଲା ଗୋପାଳପୁର ନିକଟ ଟାଟା ଏସ୍‌ଇଜେଡ୍ ପରିସରରେ ୨୦୦ କୋଟି ଟଙ୍କାର ପ୍ରକଳ୍ପ ସ୍ଥାପନ ହେବ କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ଆଇଓସିଏଲ୍, ବିପିସିଏଲ୍ ଓ ଏଚପିସିଏଲ୍ ୩ଟି ତୈଳ ମାର୍କେଟିଂ କମ୍ପାନୀ ମିଳିତ ଭାବେ ଏହି ପ୍ରକଳ୍ପ ସ୍ଥାପନ କରିବେ। ଏଥିପାଇଁ ଜମି ନିମନ୍ତେ ଟାଟା ଏସଇଜେଡ୍ କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହି କାମ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି।

## ଶରଣ ଶ୍ରୀକ୍ଷେତ୍ରକୁ ୧ କୋଟି ଦେବେ ଧର୍ମେନ୍ଦ୍ର



ମଥୁରା ମହନ୍ତଙ୍କ ସହ ଆଲୋଚନା କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପୋଲସରା,୧୯।୩(ଡି.ଏନ.ଏ.)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପୋଲସରା ବ୍ଲକର ମଥୁରାସ୍ଥିତ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ଭିତରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏଥିସହିତ ମହନ୍ତ ସୁନ୍ଦର ରାମଦାସଙ୍କ ସହ ମାରଦା ମନ୍ଦିରର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଶରଣ ଶ୍ରୀକ୍ଷେତ୍ରର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ୧ କୋଟି ଟଙ୍କା ଦେବେ ବୋଲି ଛତ୍ରପୁଠାରେ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଶରଣ ଶ୍ରୀକ୍ଷେତ୍ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇବ ବୋଲି ସେ କହିଥିଲେ।

## ବ୍ରହ୍ମପୁର ଠାକୁରାଣୀ ଯାତ୍ରା ସ୍ଥଗିତ

ବ୍ରହ୍ମପୁର ଅଫିସ୍,୧୯।୩

ବ୍ରହ୍ମପୁରର ପ୍ରସିଦ୍ଧ ଦ୍ୱିବାର୍ଷିକ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଚଳିତବର୍ଷ ସ୍ଥଗିତ ରଖାଯାଇଛି। ମା'ଙ୍କ ଯାତ୍ରା ନିମନ୍ତେ ଶୁକ୍ରବାର ରାତି ୧୧ଟାରୁ ୨ଟା ମଧ୍ୟରେ ଶୁଭଖୁଣ୍ଟି ସ୍ଥାପନ କରାଯିବାର ଥିଲା। ଏହା ପୂର୍ବରୁ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାରେ, ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ ସମେତ ଯାତ୍ରା କମିଟି ସଦସ୍ୟଙ୍କୁ ଡକାଇ ଏକ ବୈଠକ କରିଥିଲେ। କୋଭିଡ୍‌ର ପୁନଃ ସଂକ୍ରମଣ ଆଶଙ୍କା ଥିବାରୁ ସମସ୍ତ ନିୟମ ମାନି ୭ଦିନ ଯାତ୍ରା କରିବା ଓ ଅନ୍ୟ କେତେକ ପରାମର୍ଶ ଦେଇଥିଲେ। ଯାତ୍ରା ସମୟରେ ମା'ବାପ ଘରକୁ ଆସିବେ, କିନ୍ତୁ ରାଜା ଘରକୁ ଯିବେ ନାହିଁ ଓ ଘଟ ପରିକ୍ରମା କରାଯିବ ନାହିଁ ବୋଲି କହିଥିଲେ। ଏଥିରେ ଯାତ୍ରା କମିଟି ସମ୍ମତି ପ୍ରକାଶ ନ କରିବାରୁ ଠାକୁରାଣୀ ଯାତ୍ରାକୁ ସ୍ଥଗିତ ରଖାଗଲା ବୋଲି କମିଶନର ସୂଚନା ଦେଇଛନ୍ତି।

## ରାଜ୍ୟ ପର୍ଯ୍ୟଟନ ସଚିବଙ୍କ ପୋତାଗଡ଼ ପରିଦର୍ଶନ

ଗଞ୍ଜାମ,୧୯।୩(ଡି.ଏନ.ଏ.)

ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ ଶୁକ୍ରବାର ଗଞ୍ଜାମ ସହରର ପୋତାଗଡ଼ ପରିଦର୍ଶନ କରିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପ୍ରକଳ୍ପ ନିର୍ଦ୍ଦେଶକ ଦତ୍ତାତ୍ରେୟ ସିନ୍ଧେ ଭାଉ ସାହେବ, ତହସିଲଦାର ଅରୁଣ କୁମାର ନାୟକ, ଏନ୍ଏସି ଇଓ ରୋନିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ବହୁ ପ୍ରାଚୀନ କାଳରୁ ଏହି ଦୁର୍ଗ ପୋତି ହୋଇଯିବା ଫଳରେ ଏହାର ନାମକରଣ ପୋତାଗଡ଼ ହୋଇଥିବା ସଚିବ ଜାଣିବା ପରେ ଖୁସିବ୍ୟକ୍ତ କରିଥିଲେ। ପୋତାଗଡ଼କୁ ବିଶ୍ୱ ସ୍ତରରେ ନାମିତ କରାଯିବ ବୋଲି ସଚିବ ସୂଚନା ଦେଇଥିଲେ। ଏହାର ଉନ୍ନତିକରଣ ଓ ପୁନଃଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବା ଜିଲାପାଳ ଓ ତହସିଲଦାରଙ୍କ କାର୍ଯ୍ୟଶୈଳୀକୁ ସଚିବ ପ୍ରଶଂସା କରିଥିଲେ। ଏଥିସହିତ ପୋତାଗଡ଼ରେ ଚାଲିଥିବା ଶିଶୁ ପାର୍କ, ବୋଟିଂ ବ୍ୟବସ୍ଥା, ଋଷିକୁଲ୍ୟା ନଦୀରେ କଂକ୍ରିଟ ବେରିକେଟ ନିର୍ମାଣ ଆଦି ସମୀକ୍ଷା କରିଥିଲେ। ଅଧିକ ସୁଇପର ଲଗାଇ ପୋତାଗଡ଼ ସଫେଇ କାର୍ଯ୍ୟ ଶୀଘ୍ର ସାରିବାକୁ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଋଷିକୂଲ୍ୟା ନଦୀପାର୍ଶ୍ୱରେ ପୋତାଗଡ଼ର ଅର୍ଦ୍ଧଅଂଶ ପୋତି ହୋଇଯାଇଥିବାରୁ ତାହା କିପରି ପୁନଃଉଦ୍ଧାର ହେବ ସଚିବ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

# ଜିଲାସ୍ତରୀୟ କୃଷି ମହୋତ୍ସବ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧୯।୩(ଡି.ଏନ୍.ଏ.)

ପାରଳାଖେମୁଣ୍ଡିରେ ୫ଦିନ ଧରି ଚାଲିଥିବା ଗଜପତି ଜିଲାସ୍ତରୀୟ କୃଷି ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାଶ ଚନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀମାନେ କିଭଳି କମ ଖର୍ଚ୍ଚରେ ଅଧିକ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସରକାଙ୍କି ବିଭିନ୍ନ ଯୋଜନା ଓ ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ଆର୍. ବିଜୟ କୁମାର, ଏମ୍‌ପିଙ୍କ ଗୋଷାଣି ବ୍ଲକ ପ୍ରତିନିଧି ବସନ୍ତ କୁମାର ଦାସ, କାଶୀନଗର ବ୍ଲକ ପ୍ରତିନିଧି ସୀମାଦ୍ରି ଜେନା ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାକାରୀ ଶ୍ରୀନିବାସ ସାହୁ ପ୍ରମୁଖ ଯୋଗଦେଇଥିଲେ। ସହକାରୀ କୃଷି ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ଓ ସହକାରୀ କୃଷି ଅଧିକାରୀ ସସ୍ମିତା ବେହେରା ଉଦ୍‌ଯାପନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସହକାରୀ କୃଷି ଅଧିକାରୀ ସୁରଜ କୁମାର ପାତ୍ର ଓ ଡିଇଓ ପପୁ ପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ଗଜପତି ଜିଲା ସମ୍ବର୍ଦ୍ଧିତ

ଓଡିଶା କୃଷି ୨୦୨୧ ମେଳାରେ ଗଜପତି ଜିଲାର ଜଳଛାୟା ପ୍ରକଳ୍ପ ସମ୍ବର୍ଦ୍ଧିତ ହୋଇଛି। ଗୋଷାଣି ବ୍ଲକ ଅନ୍ତର୍ଗତ ଆରିବା ଗ୍ରାମରେ ଥିବା ଜଳଛାୟା ପ୍ରକଳ୍ପ ଓଡ଼ିଶାର ସବୁଠାରୁ ଉତ୍କୃଷ୍ଟ ହୋଇଥିବାରୁ ପୁରସ୍କାର ମିଳିଛି। ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡାଙ୍କଠାରୁ ଜଳଛାୟା ପ୍ରକଳ୍ପର ଗଜପତି ଶାଖା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସଫଳତାକୁ ନେଇ ଜିଲାପାଳ ଅନୁପମ ସାହା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜଳ ସଂରକ୍ଷଣ ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ ଚାଲିଛି। ଏହଦ୍ୱାରା ଲୋକେ ବିଶେଷ ବହୁତ ଉପକୃତ ହେବେ।

## ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ ମେଳା

ଆର.ଉଦୟଗିରି, ୧୯।୩(ଡି.ଏନ.ଏ.)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ପଶୁ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବ ଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ମିଳିତ ଉଦ୍ୟମରେ ଆର.ଉଦୟଗିରିଠାରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ କୃଷକ ମେଳାର ଆୟୋଜନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଉପସ୍ଥିତ ଚାଷୀମାନଙ୍କୁ ଓୟୁଏଟି ମୋଉପତ୍ର ଲଙ୍ଗଳ, ଉନ୍ନତ ଜୁଆଳି, ମଞ୍ଜିବୁଣା ଯନ୍ତ୍ର, କାଦୁଅ କରିବା ଯନ୍ତ୍ର ଆଦି ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ. ଦ୍ୱାରିକା ମୋହନ ଦାସ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର କରିବା ଦ୍ୱାରା କମ ସମୟରେ ସୁବିଧାରେ କମ ଖର୍ଚ୍ଚରେ କମ ପରିଶ୍ରମରେ ବିଭିନ୍ନ ଚାଷକାମ କରାଯାଇପାରିବ ବୋଲି କହିଥିଲେ। ପ୍ରକଳ୍ପ ତରଫରୁ ଅନେକଗୁଡ଼ିଏ ଉନ୍ନତ କୃଷି ଯନ୍ତ୍ରପାତି, ଫଟୋଚିତ୍ର ଆଦି ମଧ୍ୟ ପ୍ରଦର୍ଶିତ ହୋଇଥିଲା। କୃଷି ଯାନ୍ତ୍ରିକ ମହାବିଦ୍ୟାଳୟର ଚତୁର୍ଥ ବର୍ଷ ଛାତ୍ର ସର୍ଫରାଜ ମହମ୍ମଦ ଚାଷୀଙ୍କୁ ବଳଦ ଟଣା ଯନ୍ତ୍ରପାତିର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଆଜିକାଲି ଚାଷ ପାଇଁ ଲୋକବଳର ଅଭାବ ଓ ବର୍ଦ୍ଧିତ ମଜୁରିକୁ ନଜରରେ ରଖି ଆଧୁନିକ କୃଷି ଯନ୍ତ୍ରପାତିକୁ ଠିକ ଭାବରେ ବ୍ୟବହାର କରିବା ଏକାନ୍ତ ଆବଶ୍ୟକ ବୋଲି ସମସ୍ତ ଚାଷୀଭାଇ ଏକମତ ହୋଇଥିଲେ।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ପଦଯାତ୍ରା

ଫୁଲବାଣୀ ଅଫିସ, ୧୯।୩

ଫୁଲବାଣୀ ବ୍ଲକ ତୁଡିପାଜୁ ପଞ୍ଚାୟତ ବୁଦାଲି ଗ୍ରାମରେ ନେହେରୁ ଯୁବକେନ୍ଦ୍ର ଏବଂ ଦାମ୍‌ସିଂ ଯୁବକ ସଂଘ ଆନୁକୂଲ୍ୟରେ ପଦଯାତ୍ରା ଏବଂ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଦଯାତ୍ରାକୁ ଯୁବକ ସଂଘ ସଭାପତି ସୀମାଞ୍ଚଳ କହଁର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନେହେରୁ ଯୁବକେନ୍ଦ୍ରର ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ ରତିତାରାଣୀ ସାହାଣୀ ପ୍ରମୁଖ ଉପସ୍ଥିତ ରହି ଯୁବ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ।

## ସାବିତ୍ରୀ ମହିଳା କଲେଜର ନୂତନ ଅଧ୍ୟକ୍ଷ



ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଉଛି।

ଭଞ୍ଜନଗର,୧୯।୩(ଡି.ଏନ.ଏ)

ଭଞ୍ଜନଗର ସାବିତ୍ରୀ ମହିଳା କଲେଜ ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼.ଜୟରାମ ସେନାପତିଙ୍କୁ ନୂତନ ଅଧ୍ୟକ୍ଷ ଭାବେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ନିଯୁକ୍ତି ଦିଆଯାଇଛି। ଏ ସମ୍ପର୍କିତ ନିର୍ଦ୍ଦେଶନାମା କଲେଜରେ ପହଞ୍ଚିବା ପରେ ଡ. ସେନାପତି ଅପରାହ୍ନରେ ଦାୟିତ୍ୱ ନେଇଛନ୍ତି। କଲେଜ କର୍ମଚାରୀମାନେ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୩୧ରେ ଶାନ୍ତି କୁମାରୀ ଉପାଧ୍ୟାୟ ଅଧ୍ୟକ୍ଷ ଦାୟିତ୍ୱରୁ ଅବସର ନେବାପରେ ତାଙ୍କ ସ୍ଥାନରେ କେ.ଭବାନୀଙ୍କୁ ଅଧ୍ୟକ୍ଷା ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ସେ ଏହି ଦାୟିତ୍ୱ ନେବାକୁ ଅନିଚ୍ଛୁକ ଥିବା ଆଫିଡେଭିଟ୍ ମାଧ୍ୟମରେ ଜଣାଇଥିଲେ। ତେଣୁ ଡ. ସେନାପତିଙ୍କୁ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। କଲେଜର ଉନ୍ନତି ପାଇଁ ଯଥା ସମ୍ଭବ ଚେଷ୍ଟା କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଜୟନ୍ତୀପୁର ଚାମ୍ପିୟନ

ଚିକିଟି,୧୯।୩(ଡି.ଏନ.ଏ.)

ମଇସାନ୍‌ପୁରଠାରେ ଆରମ୍ଭ ହୋଇଥିବା ବିଆର ଆମ୍ବେଡକର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଚଢେଇଗାଁ ଦଳ ପ୍ରଥମେ ବ୍ୟାଟିଂ କରି ୧୪.୪ ଓଭରରେ ୧୨୦ ରନ୍ କରି ଅଲ ଆଉଟ୍ ହୋଇଯାଇଥିଲା। ଜବାବରେ ଜୟନ୍ତୀପୁର ଦଳ ୧୩ ଓଭରରେ ୧୨୧ ରନ୍ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ସମ୍ମାନିତ ଅତିଥି ଭାବେ ଚିକିଟି ବ୍ଲକ ଭାଇସ ଚେୟାରମ୍ୟାନ୍ ସଚ୍ଚିଦାନନ୍ଦ ପଣ୍ଡା ଯୋଗଦେଇ ଉଇନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୭୦୦୦ ଟଙ୍କା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ମିଟୁ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଚଢେଇଗାଁ ଦଳର ସୁମନଙ୍କୁ ପୁରସ୍କୃତ କରିଥିଲେ। ଦେବରାଜ ପାଣିଗ୍ରାହୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଜୟନ୍ତୀପୁର ଦଳର ଭେଙ୍କିଙ୍କୁ ପୁରସ୍କୃତ କରିଥିଲେ। ଉତ୍ତମ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ଜି.ଆନନ୍ଦ ରାଓ ଓ ଜି.ଡିଲି ରାଓ ଏବଂ ସ୍କୋରର ଭାବେ ସିହେଚ ରାଜେଶ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

## ନୀତେଶଙ୍କୁ କଲେଜରେ ସମ୍ବର୍ଦ୍ଧନା

ପାତ୍ରପୁର,୧୯।୩(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଅନ୍ତର୍ଗତ ପାତ୍ରପୁର ଗ୍ରାମର ନିତେଶ କୁମାର ମହାନ୍ତି ଗତ ୧୦ ତାରିଖରେ ଶିମିଳିପାଳ ଜଙ୍ଗଲକୁ ନିଆଁ ଲିଭାଇବା ପାଇଁ ଯାଇଥିଲେ। ସେଠାରୁ ଫେରିବା ପରେ ଭରତ ପତି ମହାବିଦ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ମହାବିଦ୍ୟାଳୟର ବିସିଏ ଛାତ୍ର ନିତେଶ ଜଙ୍ଗଲ ନିଆ ଲିଭାଇବାକୁ ଯିବା ନିମନ୍ତେ ଇଚ୍ଛା ପ୍ରକଟ କରି ଗଞ୍ଜାମ ଜିଲାପାଳଙ୍କୁ ଅନୁମତି ମାଗିଥିଲେ। ଜିଲାପାଳ ଅନୁମତି ପ୍ରଦାନ କରି ବାରିପଦା ଅଗ୍ନିଶମ ବିଭାଗ ସହ ଯୋଗସୂତ୍ର କରାଇଥିଲେ। ବାରିପଦା ଅଗ୍ନିଶମ ବିଭାଗଙ୍କ ତତ୍ତ୍ୱାବଧାନରେ ନିତେଶ ୧୨ ଜଣିଆ ଦଳ ମଧ୍ୟରେ ସାମିଲ ହେଇଥିଲେ।

## ଅନାଥ ଶିଶୁଙ୍କ ପାଇଁ ମୋବାଇଲ କୋର୍ଟ




ଉପସ୍ଥିତ ଅତିଥିବୃନ୍ଦ।

ଖଲ୍ଲିକୋଟ,୧୯।୩(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସମିତି ବୈଠକ ଗୃହରେ ଅନାଥ ଶିଶୁଙ୍କ ଥଇଥାନ ପାଇଁ ମୋବାଇଲ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଶିଶୁ ମଙ୍ଗଳ କମିଟିର ବେଞ୍ଚ ଅଫ ମାଜିଷ୍ଟ୍ରେଟ ସିଏଚ୍ ଜ୍ୟୋତି କୁମାରୀ, ମୀନତି କୁମାରୀ ପ୍ରଧାନ, ସ୍ଥାନୀୟ ସିଡିପିଓ ଅଂସୁପା ସାହୁ, ଜିଲା ଶିଶୁ ସୁରକ୍ଷା ୟୁନିଟ ଗଞ୍ଜାମ ପ୍ରତିନିଧି କାମେଶ୍ୱର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ପିତୃମାତୃ ହୀନ ୧୮ ବର୍ଷରୁ କମ ଶିଶୁଙ୍କୁ ପୃଷ୍ଠପୋଷକତା ଯୋଗାଇବା ସହ ଆନୁଷ୍ଠାନିକ ସୁବିଧା ଦେବା ଏବଂ ଯୁବତୀ ଯୁବକମାନଙ୍କୁ ଧନ୍ଦାମୂଳକ ସୁବିଧା ଯୋଗାଇବା ଏହାର ଲକ୍ଷ୍ୟ। ଅନାଥ ଶିଶୁଙ୍କ ଯୋଗ୍ୟତା ପ୍ରକାରେ ପଞ୍ଜିକୃତ କରାଯାଇଥିଲା। ଅଙ୍ଗନୱାଡି ସୁପରଭାଇଜର ଶଶି ଦେବୀ, ମଞ୍ଜୁଲତା ତ୍ରିପାଠୀ, ଗୀତା ବେହେରା, ସୁଲଚନା ଦେବୀଙ୍କ ସମେତ ବହୁ ଅନାଥ ଶିଶୁ ଉପସ୍ଥିତ ଥିଲେ।

## ମଣ୍ଡି ଧାନ ନ ନେବାରୁ ଧାରଣା

ଶେରଗଡ଼,୧୯।୩(ଡି.ଏନ.ଏ.)

ଶେରଗଡ଼ ବ୍ଲକ କୁମାରପାଣିର ଚାଷୀ ମଣ୍ଡି ଧାନ ନ ନେବାରୁ ଶୁକ୍ରବାର ଧାରଣା ଦେଇଥିଲେ। କୁମାରପାଣିର ଚାଷୀ କୋରା ବିଷୋୟୀ ୪୦ ଭରଣ ଜମିରେ ଧାନ ଚାଷ କରିଥିଲେ। ୪୦ ବସ୍ତା ଧାନ ମଣ୍ଡି ନେଇଯାଇଥିଲା। ବଳକା ୭୦ବସ୍ତା ଧାନ ପାଇଁ ଟୋକନ ଲାଗି ଆବେଦନ କରିଥିଲେ। ଗତ ଫେବ୍ରୁୟାରୀରେ କୋରାଙ୍କୁ ଟୋକନ ମିଳିଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ ମଣ୍ଡି ନେଲା ନାହିଁ। ଘରେ ଧାନ ରଖିବାକୁ ଜାଗା ନ ଥିବାରୁ ବ୍ଲକ ସମ୍ମୁଖରେ ଧାନ ବସ୍ତା ରଖି କୋରା ଧାରଣ ଦେଇଥିଲେ। ଯୋଗାଣ ନିରୀକ୍ଷିକ ସଞ୍ଜୟ କୁମାର ପ୍ରଧାନ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ହଟିଥିଲା। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକ କହିଛନ୍ତି ଯେ, ବ୍ଲକର ଧାନ କିଣିବା ପାଇଁ ସ୍ୱୀକୃତି ପଠାଯାଇଛି। ଆସିଲେ ବ୍ଲକର ସମସ୍ତ ଚାଷୀଙ୍କ ଧାନ ମଣ୍ଡି ଜରିଆରେ ନିଆଯିବ।

## ବଂଶଧାରା ନଦୀ ତଟରେ ୪ ହାତୀ



ହାତୀ ପଲ।

କାଶୀନଗର,୧୯।୩(ଡି.ଏନ୍.ଏ.)

କାଶୀନଗର ବଂଶଧାରା ନଦୀତଟ ଆନ୍ଧ୍ର ସୀମାରେ ଥିବା ତାଳଡା, କୋଶଲି ଗ୍ରାମର ତୋଟା ବା ଆଖୁ ବାଡ଼ରେ ଶୁକ୍ରବାର ୪ ଟିକିଆ ହାତୀ ପଶି ଆଖୁ ଖାଇବା ସହ ଫସଲ ନଷ୍ଟ କରିଛନ୍ତି। କାଶୀନଗରକୁ ଲାଗି ବଂଶଧାରା ନଦୀ ପ୍ରବାହିତ ହେଉଛି। ନଦୀକୁ ଲାଗି ବ୍ରାହ୍ମଣ ସାହି ଓ ୧୦ ନମ୍ବର ୱାର୍ଡ ଅବସ୍ଥିତ। ସେଠିକାର ବହୁ ଲୋକ ବଂଶଧାରା ନଦୀର ଜଳ ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ପ୍ରବଳ ଖରାରେ ଜଙ୍ଗଲରେ ପୋଡୁଚାଷ ଓ ନିଆଁ ଲାଗୁଥିବାରୁ ବହୁ ବନ୍ୟଜନ୍ତୁ ଜଙ୍ଗଲ ଛାଡି ଗ୍ରାମ ମଧ୍ୟକୁ ପ୍ରବେଶ କରୁଛନ୍ତି। ନଦୀ ପରିସରରେ ହାତୀ ଦେଖାଯାଉଥିବାରୁ କାଶୀନଗର ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ପାଖରେ ନଦୀ ପାଣି ସୁବିଧା ଥିବାରୁ ହାତୀଗୁଡ଼ିକ ସେଠାରେ ରହିବାକୁ ପସନ୍ଦ କରୁଛନ୍ତି ବୋଲି ଲୋକମାନେ କହିଛନ୍ତି।

**ବିଦ୍ୟୁତ୍ ଆଘାତରେ ଜଣେ ମୃତ**

କୁକୁଡାଖଣ୍ଡି, (ଡି.ଏନ୍.ଏ.): କୁକୁଡାଖଣ୍ଡି ବ୍ଲକ ସୋମପେଣ୍ଠ ସାହିରେ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଆହତ ହୋଇଛନ୍ତି। ମୃତକ ହେଲେ ଗୋପୀନାଥପୁର ଗ୍ରାମର ଡି.ଭୋଳାନାଥ। ଭୋଳାନାଥ ଓ ତାଙ୍କ ଦୁଇ ସହଯୋଗୀ ସୋମପେଣ୍ଠ ସାହିର ପୋନାଡ ରାମଚନ୍ଦ୍ରଙ୍କ ଘରେ ପାଣି ପମ୍ପ ଠିକ୍ କରୁଥିଲେ। ହଠାତ୍ କୌଣସି କାରଣରୁ ବିଦ୍ୟୁତ୍ ଆଘାତ ଲାଗିବାରୁ ଭୋଳାନାଥଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସହଯୋଗୀଙ୍କୁ ଗୁରୁତର ଅବସ୍ଥାରେ କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଜିଆ ଖତ ପ୍ରସ୍ତୁତି ତାଲିମ ଶିବିର

**ଭଞ୍ଜନଗର,୧୯।୩(ଡି.ଏନ.ଏ):** ଭଞ୍ଜନଗର ବ୍ଲକ ଗୋଲାପଡ଼ାରେ ବୁଧବାର ଜିଆଖତ ପ୍ରସ୍ତୁତି ଓ ବ୍ୟବହାର ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷ ଡ଼.ସ୍ୱାଗତିକା ସାହୁ ସଭାପତିତ୍ୱ କରିଥିଲେ । ସହକାରୀ କୃଷି ଅଧିକାରୀ ଦିବ୍ୟ ରଞ୍ଜନ ମାଝି, ସମ୍ବିତ ଆଚାର୍ଯ୍ୟ, ରବୀନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ଜିଆ ଖତର ବ୍ୟବସାୟ ସମ୍ପର୍କରେ କହିଥିଲେ। ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା ଶିବିରରେ ଯୋଗଦେଇଥିବା ୫୦ ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ । ରେଜିଲିଏନ୍ସ ପ୍ରକଳ୍ପର ଚିତ୍ତରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ନବଜାତ ଶିଶୁ ପୁତ୍ର ମୃତଦେହ ଜବତ

**ବୁଗୁଡ଼ା,୧୯।୩(ଡି.ଏନ.ଏ.):** ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ମୁଖ୍ୟ ସଡ଼କ ଉପରୁ ଶୁକ୍ରବାର ଏକ ମୃତ ନବଜାତ ଶିଶୁ ପୁତ୍ରକୁ ପୋଲିସ ଜବତ କରିଛି। ଭୋର୍‌ରେ କିଛି ଲୋକ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ମୃତ ନବଜାତକୁ ପଡ଼ିଥିବା ଦେଖିଥିଲେ। ଖବର ପାଇଁ ସ୍ଥାନୀୟ ପୋଲିସ ପହଞ୍ଚି ମୃତ ଶିଶୁଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ. ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବିଶ୍ୱସ୍ତରୀୟ ହେବ ଷ୍ଟେଶନ

**ବ୍ରହ୍ମପୁର ଅଫିସ୍,୧୯।୩**

- ରେଲୱେ ମହାପ୍ରବନ୍ଧକଙ୍କ ବ୍ରହ୍ମପୁର ରେଳ ଷ୍ଟେଶନ ପରିଦର୍ଶନ
- ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥାକୁ ନେଇ ଅସନ୍ତୋଷ


ରେଳ ଷ୍ଟେଶନରେ ଇଷ୍ଟକୋଷ୍ଟ ରେଲୱେ ମହାପ୍ରବନ୍ଧକ ।

ଇଷ୍ଟକୋଷ୍ଟ ରେଲୱେ ମହାପ୍ରବନ୍ଧକ ବିଦ୍ୟାଭୂଷଣ ଶୁକ୍ରବାର ବ୍ରହ୍ମପୁର ରେଳ ଷ୍ଟେଶନ ପରିଦର୍ଶନ କରିଛନ୍ତି। ସେ ବ୍ରହ୍ମପୁର ରେଳ ଷ୍ଟେଶନରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଯାତ୍ରୀଙ୍କଠାରୁ ପଚାରି ବୁଝିଥିଲେ। ଷ୍ଟେଶନ୍‌ରେ ଥିବା ଶୌଚାଳୟ ସଂଖ୍ୟା, ପାନୀୟ ଜଳ ବ୍ୟବସ୍ଥା ଓ ପ୍ଲାଟ୍‌ଫର୍ମରେ ବସିବା ସ୍ଥାନକୁ ନେଇ ସେ ଷ୍ଟେଶନ୍ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ପ୍ରତ୍ୟହ କେତେ ସଂଖ୍ୟକ ଟିକେଟ ବିକ୍ରି ହେଉଛି, କେତୋଟି ଟ୍ରେନ୍ ଚଳାଚଳ କରୁଛି ସେ ନେଇ ଷ୍ଟେଶନ୍ କର୍ତ୍ତୃପକ୍ଷ ଠିକ୍ ଉତ୍ତର ଦେଇପାରି ନ ଥିଲେ। ଏ ନେଇ ସେ ଷ୍ଟେଶନ୍ ମ୍ୟାନେଜରଙ୍କ ଉପରେ ବିରକ୍ତି ଭାବ ପ୍ରକାଶ କରିବା ସହ ଜନସାଧାରଣଙ୍କ ନିମନ୍ତେ ସମସ୍ତ ସୁବିଧା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ମହାପ୍ରବନ୍ଧକ ଗଣମାଧ୍ୟମକୁ ସାକ୍ଷାତ ବେଳେ କହିଛନ୍ତି, ବ୍ରହ୍ମପୁର ରେଳଷ୍ଟେଶନ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନ। ଏହାକୁ ବିଶ୍ୱସ୍ତରୀୟ କରିବା ନେଇ ଯୋଜନା ରହିଛି। ଯାହାକି ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି। ଯେଉଁଥିରେ ମଲ୍ଟି ଷ୍ଟୋରେଜ୍ କମ୍ପ୍ଲେକ୍ସ, ପ୍ଲାଟପର୍ମ ବୃଦ୍ଧି ଓ ପ୍ରଶସ୍ତୀକରଣ, ଟ୍ରେନ୍ ସଂଖ୍ୟା ବୃଦ୍ଧି ଏବଂ ସମସ୍ତ ଆନୁଷଙ୍ଗିକ ସୁବିଧା ରହିବ। ଏ ନେଇ ବଜେଟ ପ୍ରସ୍ତୁତ ହେବା ପରେ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ବର୍ତ୍ତମାନ ଷ୍ଟେଶନ୍‌ରେ ଥିବା ଭିତ୍ତିଭୂମି ଅନୁଯାୟୀ ଜନସାଧାରଣଙ୍କୁ ସମସ୍ତ ସୁବିଧା କିଭଳି ପ୍ରଦାନ କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ବ୍ରହ୍ମପୁର ରେଳ ଷ୍ଟେଶନ୍‌ରେ ବହୁ ସମସ୍ୟା ରହିଛି। ଷ୍ଟେଶନ୍‌ରେ ଜନସାଧାରଣଙ୍କ ସମସ୍ୟା ଜାଣିବା ସମ୍ପର୍କରେ ଗସ୍ତରେ ଆସିଛି। ଜନସାଧାରଣଙ୍କ ନିମନ୍ତେ ଅନ୍ୟ କେଉଁ ସୁବିଧା ରହିବା ଆବଶ୍ୟକ ସେ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ଷ୍ଟେଶନ୍‌ରେ ଶୌଚାଳୟ, ପାନୀୟ ଜଳ, ପାର୍କିଂ, ବସିବା ସ୍ଥାନ, ପ୍ରତୀକ୍ଷା ଗୃହର ପ୍ରଶସ୍ତୀକରଣ ପ୍ରମୁଖ ସମସ୍ୟା ସମ୍ପର୍କରେ ବୁଝିଥିଲେ। କୋଭିଡ୍ କାରଣରୁ ଟ୍ରେନ୍ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି। ଏପ୍ରିଲ ପହିଲାରୁ ଅନ୍ୟ ସବୁ ଟ୍ରେନ୍ ଚଳାଚଳ କରିବ। ଯଦି କୋଭିଡ୍ ସଂକ୍ରମଣ ହ୍ରାସ ପାଏ ତେବେ ମେ ସୁଦ୍ଧା ସମସ୍ତ ଟ୍ରେନ୍ ଚଳାଚଳ କରିବ ବୋଲି ସେ କହିଛନ୍ତି। ଯାହାକି ଯାତ୍ରୀଙ୍କ କ୍ଷେତ୍ରରେ ସହାୟକ ହୋଇପାରିବ। ବ୍ରହ୍ମପୁର ରେଳ ଷ୍ଟେଶନ୍‌ରେ ଯାତ୍ରୀଙ୍କ ଯାତାୟାତ ଅଧିକା। ଏଠାରୁ ବହୁ ଯାତ୍ରୀ ଜିଲା ବାହାରକୁ ଯାଉଥିବା ଦେଖିବାକୁ ମିଳିଛି। ଏଣୁ ଷ୍ଟେଶନରେ ଥିବା ଭିତ୍ତିଭୂମି ଅନୁଯାୟୀ ଅଧିକ ସୁବିଧା ପ୍ରଦାନ କରାଯିବ। ଯାହା ଯାତ୍ରୀଙ୍କ ନିମନ୍ତେ ବ୍ୟବହାର ଉପଯୋଗୀ ହୋଇପାରିବ ସେ ନେଇ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ପ୍ଲାଟ୍‌ଫର୍ମ ବାହାରେ ଶୌଚାଳୟ ନିର୍ମାଣ ହେବାର କୌଣସି ନିୟମ ନାହିଁ। ଏଣୁ ପ୍ଲାଟଫର୍ମ ମଧ୍ୟରେ ହିଁ ଅଧିକ ଶୌଚାଳୟ ନିର୍ମାଣ କରାଯିବ। ଯଦି ଅନ୍ୟ କିଛି ସମସ୍ୟା ରହିଛି ତେବେ ଷ୍ଟେଶନ୍ ମୁଖ୍ୟ ପ୍ରବନ୍ଧକଙ୍କ ମାଧ୍ୟମରେ ଅବଗତ କରାଇବା ପାଇଁ ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ରୋଡ୍ ଡିଭିଜିନାଲ ରେଲୱେ ମ୍ୟାନେଜର ଶଶିକାନ୍ତ ସିଂ, ଡିଭିଜିନାଲ୍ ସିକ୍ୟୁରିଟି କମିଶନର ଏମ୍.ଶ୍ୟାମ ଶିବ ରାଓ, ଆର୍‌ପିଏଫ୍ ଆଇଜି ରାଜା ରାମ, ଜିଆର୍‌ପି ଥାନାଧିକାରୀ ଜ୍ୟୋତି ପ୍ରକାଶ ନାୟକ, ଆର୍‌ପିଏଫ୍ ଥାନାଧିକାରୀ ଦିଲୀପ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରହ୍ମପୁର ମହାନଗର ଯୁବ ଜନତା ଦଳ ଓ ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ପକ୍ଷରୁ ବିଦ୍ୟାଭୂଷଣଙ୍କୁ ଷ୍ଟେଶନରେ ଥିବା ବିଭିନ୍ନ ସମସ୍ୟା ଓ ଉନ୍ନତିମୂଳକ କାର୍ଯ୍ୟ ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଅର୍ଥତତ୍ତ୍ୱ ଏମ୍‌ଡି ପ୍ରଦୀପଙ୍କ ଜାମିନ ଖାରଜ

## ଚିଟ୍‌ଫଣ୍ଡ ଠକେଇ ମାମଲା

**ବ୍ରହ୍ମପୁର ଅଫିସ୍,୧୯।୩**

ଚିଟ୍‌ଫଣ୍ଡ ଜରିଆରେ ନିରୀହ ଜମାକାରୀଙ୍କଠାରୁ ଟଙ୍କା ଠକେଇ ମାମଲାରେ ଗିରଫ ହୋଇ ଅର୍ଥତତ୍ତ୍ୱ ଏମ୍‌ଡି ପ୍ରଦୀପ ସେଠୀ ଏବେ ଜେଲ୍‌ରେ ଅଛନ୍ତି। ୨୦୧୩ ମେ ୧୦ରେ ଖଲ୍ଲିକୋଟ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ଜମାକାରୀଙ୍କ ୧ କୋଟି ୧୪ ଲକ୍ଷ ଟଙ୍କା ଠକେଇ ନେଇ ପ୍ରଦୀପଙ୍କ ନାମରେ ଖଲ୍ଲିକୋଟ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପ୍ରଦୀପଙ୍କ ନାମରେ ନଂ.୯୧/୧୩ରେ ଏକ ମାମଲା ରୁଜୁ କରିଥିଲା। ଏଥିରେ ଜାମିନ ପାଇଁ ଅର୍ଥତତ୍ତ୍ୱ ଏମ୍‌ଡି ପ୍ରଦୀପଙ୍କ ଓକିଲ ଅତିରିକ୍ତ ଜିଲା ଦୌରାଜଜ୍-୧ ପ୍ରସନ୍ନ କୁମାର ପଣ୍ଡାଙ୍କ କୋର୍ଟରେ ଆବେଦନ କରିଥିଲେ। ଉଭୟ ସରକାରୀ ଓ ମୁଦାଲାଙ୍କ ଓକିଲଙ୍କ ମଧ୍ୟରେ ଜବାବ୍ ସୁଆଲ ହୋଇଥିଲା। ଶେଷରେ ଜାମିନର ଶୁଣାଣି କରି ଏଡିଜେ-୧ ପଣ୍ଡା ତାକୁ ଖାରଜ କରିଦେଇଛନ୍ତି। ପୂର୍ବରୁ ଖଲ୍ଲିକୋଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ପ୍ରଦୀପଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଥିଲା। ବର୍ତ୍ତମାନ ପ୍ରଦୀପ ଅନ୍ୟ ଏକ ମାମଲାରେ ଝାରପଡ଼ା ଜେଲ୍‌ରେ ଥିବାବେଳେ ତାଙ୍କ ଜାମିନ ପାଇଁ କୋର୍ଟରେ ଆବେଦନ କରାଯାଇଥିଲା। ଯାହାକି ଖାରଜ ହୋଇଯାଇଛି ବୋଲି ଅତିରିକ୍ତ ପିପି ଜ୍ଞାନେନ୍ଦ୍ର ନାଥ ଜେନାଙ୍କ ଠାରୁ ପ୍ରକାଶ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
DOOROOMI MEDICAL PVT. LTD.
Required Smart Boys & Girls Candidates for Office Job.
Age: 18 - 30
Education: Matric to Graduate
108, Khandagiri Hill Road
Bhubaneswar-30
9348916882

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨।୦ ପଢିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 8800571120

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
CONTACT : 9157312448

RMC PVT. LTD.
A well established construction company in Bhubaneswar urgently requires.
1. ACCOUNTANT: B.Com. with 2 years experience.
2. MARKETING MANAGER: MBA, experience in realestate sector.
3. RECEPTIONIST: 1 No. (Female)
4. OFFICE BOY: 2 Nos.
Contact:
9337469627 / 6371761144
E-mail:
rmcpl.hr@gmail.com

ଭୁବନେଶ୍ୱରସ୍ଥିତ
PETROL PUMP
ରେ ତେଲ ପକାଇବା ନିମନ୍ତେ ମହିଳା ପ୍ରାର୍ଥୀ ଆବଶ୍ୟକ
ଦରମା : ୧୩,୦୦୦/-
ବୟସ : ୨୨ ରୁ ୩୫ ବର୍ଷ
ଯୋଗାଯୋଗ : 9861925500
ସମୟ (ସକାଳ ୧୦ ଠାରୁ- ସନ୍ଧ୍ୟା ୬ଟା)

See Career Appointment on every Wednesday & Saturday

# ୨ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର

## ନକଲି ମସଲା ଗୁଣ୍ଡ ଜବତ ମାମଲା

**ବ୍ରହ୍ମପୁର ଅଫିସ୍,୧୯।୩**

ବଡ଼ ବଜାର ଥାନା ପାଣ୍ଡବ ନଗର ଅଞ୍ଚଳରୁ ପୋଲିସ ନକଲି ମସଲା ଗୁଣ୍ଡ ଓ ହଳଦୀ ଗୁଣ୍ଡ ପ୍ରସ୍ତୁତ କରୁଥିବା ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଜାନୁୟାରୀ ୨୨ରେ ଗିରଫ କରିଥିଲା। ଅଭିଯୁକ୍ତ ସତ୍ୟବାନ ସାହୁ ଓ ପି. ଲିଙ୍ଗରାଜ ପାତ୍ର ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରାରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ସେମାନଙ୍କ ଜାମିନ ପାଇଁ ତାଙ୍କ ଓକିଲ ଶୁକ୍ରବାର ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ସରକାରୀ ଓକିଲ ଜ୍ଞାନେନ୍ଦ୍ର ନାଥ ଜେନା ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ନ କରିବାକୁ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ କୋର୍ଟରେ ଜବାବ ସୁଆଲ ହୋଇଥିଲା। ଅନ୍ୟପଟେ ପୋଲିସ ଜବତ ନକଲି ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ ପାଇଁ ପୂର୍ବରୁ ଭୁବନେଶ୍ୱର ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଥିଲା। ଖାଦ୍ୟ ପ୍ରସ୍ତୁତି ସାମଗ୍ରୀ ନମୁନାରେ ନିମ୍ନମାନର ଥିବା ଏସ୍‌ଏଫ୍‌ଏସ୍‌ଏଲ୍ ରିପୋର୍ଟରେ ଦର୍ଶାଇଥିଲା। ଏହାକୁ ଆଧାର କରି ଏଡିଜେ-୧ ପଣ୍ଡା ଉଭୟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିଛନ୍ତି। ମୁଦାଲାଙ୍କ ପକ୍ଷରୁ କିଶୋର ଚନ୍ଦ୍ର ବିଶୋୟୀ ଓ ପ୍ରଦୀପ ବେହେରା ମକଦ୍ଦମାପରିଚାଳନା କରିଥିଲେ।

# ଜଳ ସ୍ୱଚ୍ଛତା ନେଇ ବିଏମ୍‌ସି ପୁରସ୍କୃତ

**ବ୍ରହ୍ମପୁର ଅଫିସ୍,୧୯।୩**

ଗଞ୍ଜାମ ଜିଲା ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟରେ ଉନ୍ନତୀକରଣ ଓ ଜଳ ସ୍ୱଚ୍ଛତା ନେଇ ବିଏମ୍‌ସି କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପୁରସ୍କୃତ ହୋଇଛି। ବିଏମ୍‌ସି ୨ୟ ଥର ପାଇଁ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ପ୍ରକାଶ ଯେ, ଗତ ୧୮ ତାରିଖରେ ଟେକ୍ନୋ ମିଡ଼ିଆ ଆନୁକୁଲ୍ୟରେ ଏକ ଭର୍ଚୁଆଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏମ୍‌ସି ଜଳ ପୁନଃଚକ୍ରଣ ଓ ସ୍ୱଚ୍ଛତା ନେଇ ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଏମ୍‌ସିକୁ ୨ୟ ଜାତୀୟ ଆୱାର୍ଡ଼ ଦିଆଯାଇଛି। ଏ ନେଇ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବଢ଼ୁଛି ପଖାଳର ଚାହିଦା

**ବ୍ରହ୍ମପୁର ଅଫିସ,୧୯।୩**

## ଆଜି ବିଶ୍ୱ ପଖାଳ ଦିବସ



ଓଡ଼ିଆଙ୍କ ଘରେ ଘରେ ପ୍ରିୟ ଖାଦ୍ୟ ଭାବେ ପଖାଳ ପରିଚିତ। ପୁରାତନ ସମୟରୁ ବର୍ତ୍ତମାନ ଯାଏ ପଖାଳ ଖାଇ ନିଜ କର୍ମକ୍ଷେତ୍ରକୁ ଅଧିକାଂଶ ଓଡ଼ିଆ ଖୁସି ମନରେ ଯାଇଥାନ୍ତି । ପଖାଳ ଦିବସ ଓଡ଼ିଶାର ଅତିପ୍ରିୟ କାଳିଆ ଠାକୁରଙ୍କ ଖାଦ୍ୟ ସାରଣୀର ମଧ୍ୟ ଅନ୍ତର୍ଭୁକ୍ତ। ବିଶେଷ କରି ଗ୍ରୀଷ୍ମପ୍ରବାହ ସମୟରେ ପ୍ରତ୍ୟେକ ଲୋକଙ୍କ ଖାଇବା ଥାଳିରେ ଜାଗା ନିଏ ପଖାଳ କଂସା। ପଖାଳର ମଧ୍ୟ ବହୁପ୍ରକାର ଭେଦ ରହିଛି। ସଜ ପଖାଳ, ବାସି ପଖାଳ, ଦହି ପଖାଳ ଓ ଜିରା ପଖାଳ ଆଦିକୁ ଲୋକ ଖାଇବାକୁ ପସନ୍ଦ କରନ୍ତି। ଏହାବାଦ ପଖାଳ ସହ ଶାଗଭଜା,ବଡ଼ିଚୁରା, ଶୁଖୁଆ, ସନ୍ତୁଳା ଓ ଟମାଟୋ ଭଜା ଆଦି ଖାଇବାକୁ ଭଲ ଲାଗେ।

କର୍ମକ୍ଷେତ୍ରରେ ଘରଠାରୁ ଦୂରରେ ଥିବା ପ୍ରବାସୀ ଓଡ଼ିଆମାନେ ଅଧିକାଂଶ ସମୟରେ ଘରକୁ ଫେରିବା ପରେ ପଖାଳ ଖାଇବାକୁ ପସନ୍ଦ କରିଥାନ୍ତି। ପୂର୍ବରୁ ପଖାଳକୁ ଯେଉଁମାନେ ଗରିବର ଖାଦ୍ୟ କହି ନାକ ଟେକୁଥିଲେ ବର୍ତ୍ତମାନ ପଖାଳ ଖାଇବା ନିମନ୍ତେ ହୋଟେଲରେ ଲମ୍ବା ଧାଡ଼ିରେ ମଧ୍ୟ ଅପେକ୍ଷା କରୁଛନ୍ତି। ପଖାଳ କଂସାକୁ ସ୍ୱତନ୍ତ୍ରତା ପ୍ରଦାନ କରିବା ନିମନ୍ତେ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଉଛି।

## ସେମାନେ ଯାହା କୁହନ୍ତି



ଶୁଖୁଆ ପୋଡ଼ା ସହ ପଖାଳ ମୋର ସବୁଠାରୁ ଅଧିକ ପସନ୍ଦ। ବର୍ତ୍ତମାନର ଯୁବ ପିଢ଼ି ବାହାର ଜଙ୍କ୍‌ଫୁଡ୍‌କୁ ପସନ୍ଦ କରି ନାନା ରୋଗର ଶିକାର ହେଉଛନ୍ତି। ପେଟ ଗରମ ହେଲେ ଡାକ୍ତର ମଧ୍ୟ ପଖାଳ ଖାଇବାକୁ ପରାମର୍ଶ ଦିଅନ୍ତି।

**- ଅଭିଳାଷ ସାହୁ, ବଡ଼ବଜାର ବ୍ୟବସାୟୀ**



ନିୟମିତ ଭାବେ ପଖାଳ ଖାଇ କର୍ମକ୍ଷେତ୍ରକୁ ଯାଏ। ଖରାଦିନେ ପଖାଳ ଖାଇବା ଦ୍ୱାରା ଯେଉଁ ତୃପ୍ତି ମିଳିଥାଏ ତାକୁ କେବଳ ଅନୁଭୂତି କରିହେବ। ନିୟମିତ ପଖାଳ ଖାଉ ନ ଥିବା ବ୍ୟକ୍ତିବିଶେଷ ମଧ୍ୟ ପଖାଳ ଦିବସରେ ହୋଟେଲକୁ ଯାଇ ଖାଆନ୍ତି।

**- ଲିଙ୍ଗରାଜ ବେହେରା, ସିଦ୍ଧାର୍ଥ ନଗର,ସ୍ୱାସ୍ଥ୍ୟକର୍ମୀ**



କେବଳ ପଖାଳ ଦିବସରେ ନୁହେଁ ଅନ୍ୟ ଦିନମାନଙ୍କରେ ବି ପଖାଳ ଖାଇବାକୁ ଭଲପାଏ। ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ହେଉଛି ପଖାଳ। ବିଶେଷକରି ଖରାଦିନେ ଦହି ପଖାଳର ମଜା କିଛି ନିଆରା। ମୋ ପରିବାର ବି ପଖାଳ ଖାଇବାକୁ ପସନ୍ଦ କରନ୍ତି।

**- ରୁବି ଖେମାଣି, ମାରୱାଡି ମହିଳା ସମିତି ସଭାପତି**



ମୁଁ ସବୁବେଳେ ପଖାଳ ଖାଇବାକୁ ଭଲ ପାଏ। ପଖାଳ ସାଙ୍ଗକୁ ଶାଗ, ବଡ଼ିଚୂରା ଓ ଆଳୁ ଚକଟା ଖାଇବାକୁ ଭଲ ଲାଗେ। ଖରାଦିନେ ପଖାଳ ଖାଇବା ଦ୍ୱାରା ଶରୀରରେ ଜଳୀୟ ଅଂଶ ବୃଦ୍ଧି ହୋଇଥାଏ। ଏଣୁ ସମସ୍ତେ ପଖାଳ ଖାଇବା ଜରୁରୀ।

**- ରଞ୍ଜନା ମିଶ୍ର, ସାମାଜିକ କର୍ମୀ**

# ସାନକୋଦଣ୍ଡାରେ ହେବ ଗୋରୁ ନିବାସ

**ଭଞ୍ଜନଗର,୧୯।୩(ଡି.ଏନ.ଏ)**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଭଞ୍ଜନଗର ବ୍ଲକ ସାନକୋଦଣ୍ଡାରେ ୫ ଏକର ଗୋଚର ଜମିରେ ଏକ ଗୋରୁ ନିବାସ ହେବ। ଏଥିପାଇଁ ପ୍ରାୟ ୧କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ କରାଯିବ। ପ୍ରକଳ୍ପ ଅନୁମୋଦନ ଲାଭ କଲେ ଏପ୍ରିଲରୁ କାମ ଆରମ୍ଭ ହେବ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତାତ୍ରୟେ ଭାଉସାହେବ ଗୁରୁବାର ଭଞ୍ଜନଗର ବ୍ଲକ ଗସ୍ତରେ ଆସି ପ୍ରସ୍ତାବିତ ଜମି ଚିହ୍ନଟ କରିଥିଲେ। ଉକ୍ତ ପ୍ରକଳ୍ପ ହେଲେ ସମ୍ପୃକ୍ତ ଅଞ୍ଚଳର ଯାହାର ଗୁହାଳ ନ ଥିବ ସେଠାରେ ମାଗଣାରେ ଗୋରୁ ରଖି ଲାଳନ ପାଳନ କରିପାରିବେ। ଗୋରୁଙ୍କ ଲାଗି ଘାସ ଚାଷ ହେବ। ଅନ୍ୟପକ୍ଷରେ ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ମଧ୍ୟ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନିର୍ମାଣ ହେଉଛି । ଭଞ୍ଜନଗର ବ୍ଲକର କୁଲାଡ଼, ଗାଲେରି, ବଡ଼କୋଦଣ୍ଡା, ଲାଲସିଂ ଓ ମୁଜାଗଡ଼ରେ ୫ଟି କ୍ଷୁଦ୍ର ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନିର୍ମାଣ ହେବ। କୁଲାଡ଼ରେ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତମାସ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ। ପ୍ରକଳ୍ପ ନିର୍ଦ୍ଦେଶକ ଏଠାରେ ପହଞ୍ଚି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ଅନ୍ୟ ପଞ୍ଚାୟତର ପ୍ଲାଣ୍ଟ କାମ ଜମି ଚିହ୍ନଟ ପରେ ଆରମ୍ଭ ହେବ । ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଗସ୍ତ ବେଳେ ବିଡିଓ ଅନିଲ କୁମାର ସେଠୀ, ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଦିଗପହଣ୍ଡି,୧୯।୩(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କେ. ନୂଆଗାଁ ଥାନା ଗୌଡଗାଁ ବଜାର ସାହିବାସୀ କେ.ଗଣେଶ ପାତ୍ରଙ୍କ ଘରୁ ଦୁର୍ବୃତ୍ତମାନେ ଗୁରୁବାର ବିଳମ୍ବିତ ରାତିରେ ୫ଲକ୍ଷ ମୂଲ୍ୟର ସୁନା ଅଳଙ୍କାର ସହ ୨ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗଣେଶ ଓ ତାଙ୍କ ପରିବାର ଲୋକେ ରାତିରେ ଖାସିସାରି ଶୋଇଥିଲେ। ଲୁଟେରା ମାନେ ବାରିପଟ କବାଟ ଭାଙ୍ଗି ଘରେ ପଶି ୧୦୮ ଗ୍ରାମ ଓଜନର ସୁନା ଗହଣା, ରୁପା ଓ ଟଙ୍କା ଲୁଟି ନେଇଥିଲେ। ଗଣେଶ ଶୁକ୍ରବାର ଭୋର ୪ ଟାରେ ନିଦରୁ ଉଠି ଘର ଆସବାବ ପଡିଥିବା ଏବଂ ଅଳଙ୍କାର ନଥିବା ଦେଖି ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁଙ୍କୁ ଜଣାଇଥିଲେ। ଗଣେଶଙ୍କ ଏତଲା କ୍ରମେ କେ. ନୂଆଗାଁ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ସୁଦ୍ଧା ପୋଲିସକୁ ଠୋସ ଖିଅ ମିଳିପାରିନଥିବା ଟିକିଟି ଏସ୍‌ଡିପି ଓ ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି।

DSPL - 261
unicef for every child
ଓଡ଼ିଶା ଶାସନ



ଆମ ଲୋକକଳା
ଆମ ସଂସ୍କୃତି
ଆମ ଲୋକକଳା ପରିବେଷଣ - ପ୍ରତ୍ୟେକ ମାସରେ ଗୋଟିଏ ଦିନ
୨୦ ମାର୍ଚ୍ଚ ୨୦୨୧
ବଜ୍‌ନିଆ, ସମ୍ବଲପୁର
ଢେମ୍‌ସା, କୋରାପୁଟ
ଡାଲ୍‌ଖାଇ, ବରଗଡ



ସ୍ଥାନ : ଉତ୍କଳ ମଣ୍ଡପ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ଘ.୬.୩୦ମି.
ଆୟୋଜକ
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର
OIPR-03001/13/0016/2021

